**DISTRICT PROJECT OFFICE, SSA, SUNDARGARH**

**No..237.../TRB/Date....6/02/2020**

**SHORT TENDER CALL NOTICE**

Sealed quotations are invited from the reputed experienced offset printing firms having valid GSTN, PAN and DIC for printing of Multi colour Pamphlet on commemorating 150[th] birth anniversary of Mahatma Gandhi. The tender document should reach to the office of the undersigned through registered post or speed post only on or before Dt. 19\02\20 by 5 PM. Tender document along with EMD Rs 15000/- (Rupees fifteen thousand) only in shape of Demand Draft infavour of District Project Coordinator, Sarva Sikshya Abhiyan, Sundargarh should be submitted in the envelope duly mark on the top "***tender for printing of Multi colour Pamphlet***" to the District Project Office, Sarva Sikshya Abhiyan, Infront of B.S High School, Sundargarh, PIN- 770001.The details of the tender like, requirement, specification, term and condition etc. are available in district website **www.sundergarh.nic.in**.The tender will be opened on Dt. 20\02\20 at 3.00 AM/~~PM~~ in the office chamber of Collector- Cum- Chairman, SSA, Sundargarh in presence of all bidders or their authorized representatives. The authority reserves the right to amend, alter, modify or cancel any part or whole of the tender without assigning any reason thereof. In this regard further any clarification may contact to this office.

6/2

**Collector-Cum-Chairman,**
**RTE- SSA,Sundargarh**

Scanned by CamScanner

## SPECIFICATION FOR PRINTING

1. **Size:** **¼ Demy**
2. **Paper quality:** **90 GSM**
3. **Colour:** **Multi Colour**
4. **Script:** **Odia**
5. **Printing:** **Both Side**
6. **Matter:** **Annexure-1**
7. **Requirement:** **324000 nos.**

### *Terms and Conditions for printing of Multi colour Pamphlet*

1. EMD of Rs.15000/- (Rupees fifteen thousand) only in shape of bank draft in favour of District Project Coordinator, SSA, Sundargarh should be submitted along with the tender paper.
2. The L1 firm will deposit Rs 10000/- (Rupees ten thousand) only as security money.
3. The quoted price should be submitted in the prescribed proforma else the quotation will not be considered.
4. Delivery will be made to District Project Office, SSA, Sundargarh within seven days from the date of receiving the work order otherwise the work order will be cancelled automatically.
5. After execution of agreement between two parties, the work order shall be issued to the firm.
6. The soft copy of ***Multi colour Pamphlet*** will be provided to the firm for printing.
7. The authority reserves the right to amend, alter, modify or cancel any part or whole of the tender without assigning any reason thereof.
8. No transportation charges will be provided by this office.

**Collector-Cum-Chairman**
**RTE- SSA,Sundargarh**

Scanned by CamScanner

# QUOTATION FORMAT

| Sl no | Matter | Requirement | Cost for printing of one pamphlet | Total cost for printing of required nos. of pamphlet |
|---|---|---|---|---|
| 1 | **Multi-colour Pamphlet in Odia language** | 324000 nos. | | |

Seal and signature of firm

Scanned by CamScanner

## ॥ ଗାନ୍ଧୀ-ବାଣୀର ମହକ ॥

- ଈଶ୍ୱରଙ୍କର ନାମ ଅନେକ, କିନ୍ତୁ ଗୋଟିଏ ନାମରେ ତାଙ୍କୁ ଖୋଜିବାକୁ ହେଲେ ତାହା ହେଉଛି ସତ୍ୟ । ଅତଏବ ସତ୍ୟ ହିଁ ଈଶ୍ୱର ।
- ହାତ, ଗୋଡ଼, ଆଖି, କାନ ଓ ନାକର ଯଥାଯଥ ଚାଳନା ଦ୍ୱାରା ହିଁ ଶିକ୍ଷାର ବିକାଶ ହୁଏ ।
- ଶ୍ରଦ୍ଧା ଥିଲେ ସବୁ ସହଜରେ କରିହେବ । ଶ୍ରଦ୍ଧାବଳରେ ମନୁଷ୍ୟ ପର୍ବତ ଲଙ୍ଘିପାରେ ।
- ପ୍ରକୃତ ସୁଖ ବାହାରୁ ମିଳେ ନାହିଁ, ମିଳେ ନିଜ ଅନ୍ତର ଭିତରୁ ।
- ବିନ୍ଦୁଏ ବିଷ ଯେପରି ହାଣ୍ଡିଏ ଦୁଗ୍ଧକୁ ନଷ୍ଟ କରେ, ସେହିପରି ଟିକିଏ ମିଛ, ସାରା ଜୀବନକୁ ନଷ୍ଟ କରିଦିଏ ।
- ଜଣେ ମଣିଷର ସୁଖ, ସମୂହ ସୁଖରେ ହିଁ ରହିଛି ।
- ଜଣେ ଆଇନଜୀବୀଙ୍କର କାମର ମୂଲ୍ୟ ଜଣେ ଘାସ କଟାଳିଙ୍କ କାମ ସହିତ ସମାନ, କାରଣ ରୋଜଗାର କରି ବଞ୍ଚିବା ପାଇଁ ସମସ୍ତଙ୍କର ଅଧିକାର ସମାନ ।





- ଗାନ୍ଧୀ ସ୍ମୃତି, କୃତି ସମ୍ବଳିତ ଫଟୋଚିତ୍ର ପ୍ରଦର୍ଶନୀ
- ଓଡ଼ିଶାରେ ଗାନ୍ଧିଜୀଙ୍କ ଉପରେ ପର୍ଯ୍ୟବସିତ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ ।



ସମଗ୍ର ଶିକ୍ଷା : ଓସେପା

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ

## ॥ ଆମ ବାପୁଜୀ : ଏକ ଝଲକ ॥



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏହି ମହାମାନବଙ୍କ ପ୍ରତି ଏ ଜାତିର ଶତକୋଟି ପ୍ରଣାମ। ଏହି ଜୟନ୍ତୀ ଆଜି ସମଗ୍ର ଭାରତବର୍ଷ, ଏପରିକି ବିଶ୍ୱବ୍ୟାପୀ ମଧ୍ୟ ପାଳନ କରାଯାଉଛି। ଜାତିସଂଘ ତାଙ୍କର ଜନ୍ମଦିନ ଅକ୍ଟୋବର ୨ତାରିଖକୁ ବିଶ୍ୱ ଅହିଂସା ଦିବସ ରୂପେ ପାଳନ କରୁଛି। ୨୦୧୫ ମସିହାରେ ଇଂଲଣ୍ଡ ଏହାର ପାର୍ଲାମେଣ୍ଟ ସ୍କୋୟାରରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିଛି।

## ଶୈଶବ ଓ ଶିକ୍ଷାଗ୍ରହଣ

- ଗୁଜୁରାଟ୍‌ର ପୋରବନ୍ଦରଠାରେ ୧୮୬୯ ମସିହା ଅକ୍ଟୋବର ୨ ତାରିଖରେ ଜନ୍ମଗ୍ରହଣ କରିଥିଲେ ମୋହନଦାସ କରମଚାନ୍ଦ ଗାନ୍ଧୀ। ତାଙ୍କ ପିତାଙ୍କ ନାମ ଥିଲା କରମଚାନ୍ଦ ଗାନ୍ଧୀ ଓ ମାତା ପୁତୁଳିବାଈ। ତାଙ୍କ ପତ୍ନୀଙ୍କ ନାମ କସ୍ତୁରବା ଗାନ୍ଧୀ। ତିନି ଭାଇଙ୍କ ଭିତରେ ଗାନ୍ଧିଜୀ ଥିଲେ ସବା ସାନ ଭାଇ।
- ପ୍ରଥମେ ପୋର ବନ୍ଦରର ଗୋଟିଏ ଚାଟଶାଳୀ, ସାତବର୍ଷ ବୟସରେ ରାଜକୋଟ୍‌ର ଗାର୍ଲି ପାଠଶାଳା ଓ ୧୨ ବର୍ଷ ବେଳକୁ ହାଇସ୍କୁଲ ପାଠପଢ଼ା।
- ୧୮୮୭ ମସିହାରେ ମାଟ୍ରିକୁଲେସନ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ।
- ଓକିଲାତି ପଢ଼ିବା ପାଇଁ ୧୮୮୮ ମସିହା ସେପ୍ଟେମ୍ବର ୪ ତାରିଖରେ ବମ୍ବେ ଛାଡ଼ି ବିଲାତ ଯାଇଥିଲେ।
- ଇଂଲଣ୍ଡରେ ୧୮୯୧ ମସିହା ଜୁନ୍ ୧୦ ତାରିଖରେ ବାରିଷ୍ଟର ପଦବୀପ୍ରାପ୍ତି।
- ୧୯୧୫ ମସିହାରେ ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରୁ ଫେରି ଭାରତର ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ।
- ଗାନ୍ଧିଜୀଙ୍କ ସତ୍ୟାଗ୍ରହ, ଅହିଂସା ନୀତି, ଆଦର୍ଶ ଓ ସମାଜ ସଂସ୍କାରମୂଳକ ପଦକ୍ଷେପ ଗୁଡ଼ିକରେ ଥିଲା ଯାଦୁକରୀ ପ୍ରଭାବ। ଜାତିପ୍ରଥା, ଅସମତା, ଅନ୍ଧବିଶ୍ୱାସ, ଅସ୍ପୃଶ୍ୟତା, କୁସଂସ୍କାର, ନାରୀ ନିର୍ଯ୍ୟାତନା ବିରୁଦ୍ଧରେ ତାଙ୍କର ନିରବଚ୍ଛିନ୍ନ ଉଦ୍ୟମ ଜାରି ରହିଥିଲା।
- ତେବେ, ଗାନ୍ଧୀଜୀ ଯାଇଥିଲେ ଦକ୍ଷିଣ ଆଫ୍ରିକାରେ। ପରେ ଭାରତ ଆସି ଆପଣା କର୍ମ, ବିଚାର ଓ ପ୍ରତିଷ୍ଠା ପାଇଁ ବିଶ୍ୱଗୁରୁ ରବୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା 'ମହାତ୍ମା' ଓ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା 'ଜାତିର ପିତା' ଭଳି ସମ୍ବୋଧନରେ ପରିଚିତି ଲାଭ କରିଥିଲେ।
- ବ୍ରିଟିଶ ଶାସନ ବିରୁଦ୍ଧରେ ଗାନ୍ଧୀ ଆରମ୍ଭ କରିଥିବା ଅସହଯୋଗ ଆନ୍ଦୋଳନ (୧୯୨୦ – ୧୯୨୧), ଆଇନ ଅମାନ୍ୟ ଆନ୍ଦୋଳନ (୧୯୩୦) ଓ ଭାରତଛାଡ଼ ଆନ୍ଦୋଳନ (୧୯୪୨) ତାଙ୍କୁ ଯୁଗପୁରୁଷ ଭାବେ ଅଭିହିତ କରିଥିଲା ଓ ଏହା ଇତିହାସରେ ଗାନ୍ଧୀଯୁଗ ଭାବରେ ନାମିତ।

## ଗାନ୍ଧିଜୀ ଓ ଓଡ଼ିଶା

ମହାତ୍ମାଗାନ୍ଧୀ ୧୯୨୧ ରୁ ୧୯୪୬ ମଧ୍ୟରେ ଓଡ଼ିଶାକୁ ୮ ଥର ଆଗମନ କରିଥିଲେ। ଓଡ଼ିଶା ପ୍ରତି ତାଙ୍କର ଥିଲା ଶ୍ରଦ୍ଧା, ସହାନୁଭୂତି ଓ ଆନ୍ତରିକ ମନୋଭାବ ଏବଂ ଏହାର ସର୍ବାଙ୍ଗୀନ ଉନ୍ନତି ପାଇଁ ଗାନ୍ଧିଜୀ ଯତ୍ନଶୀଳ ଥିଲେ। ଭାଷା ଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ପ୍ରତି ଗାନ୍ଧିଜୀ ସମ୍ବେଦନଶୀଳ ଥିଲେ। ଖଦୀ ଓ ଚରଖା ଉପରେ ଗୁରୁତ୍ୱ ଦେଇ ଗାଁ ଗାଁରେ ଖଦୀ କାର୍ଯ୍ୟକ୍ରମର ବାର୍ତ୍ତା ପ୍ରଚାର କରିଥିଲେ।

- ତାଙ୍କର ପ୍ରଥମ ଓଡ଼ିଶା ଆଗମନ ହୋଇଥିଲା ୨୩ ମାର୍ଚ୍ଚ ୧୯୨୧ ମସିହା ଦୋଳପୂର୍ଣ୍ଣିମା ଓ ୨୦ ଜାନୁୟାରୀ ୧୯୪୬ ରେ ସେ ଓଡ଼ିଶାକୁ ଶେଷଥର ପାଇଁ ଆସିଥିଲେ। ଗାନ୍ଧିଜୀ ତାଙ୍କର ବହୁ ଲେଖାରେ ଓଡ଼ିଶା ଗସ୍ତ ଅନୁଭୂତି ସଂପର୍କରେ ଉଲ୍ଲେଖ କରିଛନ୍ତି।

'ସମଗ୍ର ଭାରତରେ ଓଡ଼ିଶା ମୋର ଶ୍ରଦ୍ଧାର ଭୂମି। ମୁଁ ଯଦି କୌଣସିମତେ ଓଡ଼ିଶାର ସେବା କରି ପାରିବି, ତା' ହେଲେ ତଦ୍ୱାରା ହିଁ ଭାରତର ସେବା କରିବି।'

- ବାପୁଜୀଙ୍କର ପ୍ରିୟ ଭଜନ ଥିଲା - ବୈଷ୍ଣବ ଜନ ତୋ ତେନେ କହିୟେ ଯେ ...
- ତାଙ୍କର ପ୍ରିୟ ପ୍ରାର୍ଥନା ଥିଲା - ରଘୁପତି ରାଘବ ରାଜାରାମ...
- ୩୦ ଜାନୁୟାରୀ ୧୯୪୮ ମସିହାରେ ଗାନ୍ଧିଜୀ ଦିଲ୍ଲୀ ବିରଳା ଭବନରୁ ବାହାରି ପ୍ରାର୍ଥନା ସ୍ଥଳୀକୁ ଯିବା ସମୟରେ ନାଥୁରାମ ଗଡ଼ସେଙ୍କ ଦ୍ୱାରା ନିହତ ହୋଇଥିଲେ।

## ପୁସ୍ତକ ପ୍ରିୟ ଗାନ୍ଧୀ

''ପାଠ ପଢୁଥିବାବେଳେ ପଢ଼ା ବହି ଛଡ଼ା ମୁଁ ଅନ୍ୟ ବହି ପଢ଼ି ନ ଥିଲି କହିଲେ ଚଳେ। ତେବେ, ଯାହା କିଛି ପଢ଼ିଥିଲି ସେ ସବୁ ଭିତରେ ଜନ୍ ରସ୍କିନ୍‌ଙ୍କର 'ଅନ୍ ଟୁ ଦିସ୍ ଲାଷ୍ଟ' ପୁସ୍ତକଟି ମୋ ଜୀବନରେ ସହସା ଏକ ଚମତ୍କାର ପରିବର୍ତ୍ତନ ଆଣିଥିଲା। ପରେ ମୁଁ ଏହାକୁ ଗୁଜୁରାଟୀ ଭାଷାରେ ଅନୁବାଦ କରି ନାଁ ଦେଇଥିଲି 'ସର୍ବୋଦୟ' (ସମସ୍ତଙ୍କର ମଙ୍ଗଳ)।''

- ଗାନ୍ଧିଜୀ